## ପ୍ରମୁଖ ସଚିବ ,କୃଷି ଓ କୃଷକ ସଶକ୍ତିକରଣ ବିଭାଗ ,ଓଡିଶା ସରକାରଙ୍କ କଲମରୁ

ଫସଲ ସଂରକ୍ଷଣ ଉତ୍ପାଦନ ବୃଦ୍ଧିର ଏକ ମୁଖ୍ୟ ଅଂଶ । ବର୍ତ୍ତମାନ କୃଷକ ମାନେ ରୋଗପୋକ ହ୍ରାସ କରିବା ପାଇଁ ରାସାୟନିକ ବିଷକୁ ସହଜ ଓ ପ୍ରଭାବଶାଳୀ ମାଧ୍ୟମ ଭାବରେ ଉପଯୋଗ କରୁଛନ୍ତି । ଏହି ରାସାୟନିକ ବିଷକୁ ଅଧିକ ବିଶ୍ୱାସକୁ ନେଇ ଅବିଚାରିତ ହିସାବରେ ପ୍ରୟୋଗ କରିବା ଦ୍ୱାରା ପରିବେଶର ଅନେକ ପ୍ରକାରର ଗୋଳମାଳ ଓ ଅନିୟମିତତା ଲକ୍ଷ୍ୟ କରାଯାଉଛି । ଫଳରେ ଏହାକୁ ଠିକ ହିସାବରେ ଉପଯୋଗ କରି ରୋଗ ପୋକ ହ୍ରାସ କରିବାର ଆବଶ୍ୟକତା ଅନୁଭବ କରାଯାଉଛି । ବିଭିନ୍ନ ପ୍ରକାରର କ୍ଷତିକୁ ନଜରକୁ ନେଇ ଅନେକ ପରିବେଶ ସହାୟକ ରୋଗ ପୋକ ନିଯନ୍ତ୍ରଣ ପ୍ରଣାଳୀକୁ ସମନ୍ୱିତ ଭାବେ ପ୍ରୟୋଗ କରାଯାଉଛି ।

ସମନ୍ୱିତ ରୋଗ ପୋକ ପରିଚାଳନାର ଏକ ପ୍ରାଥମିକ ଓ ମୁଖ୍ୟ କାର୍ଯ୍ୟ ହିସାବରେ ସର୍ବେକ୍ଷଣ ମାଧ୍ୟମରେ ରୋଗପୋକ ଚିହ୍ନଟ କରିବାର ଆବଶ୍ୟକତା ରହିଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସତୁରୀ ଦଶକରୁ ଏହି କାର୍ଯ୍ୟ କରି ଆସୁଛି ଏବଂ ୨୦୧୦ ମସିହାରୁ ଇଣ୍ଟରନେଟ୍ ମାଧ୍ୟମରେ ଚାଲୁ ରହିଛି । ରାଜ୍ୟ କୃଷି ବିଭାଗର କର୍ମଚାରୀ , ଓଡିଶା କୃଷି ବିଶ୍ୱବିଦ୍ୟାଳୟ, ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ର ବୈଜ୍ଞାନିକମାନେ ରାଷ୍ଟ୍ରୀୟ ସୂଚନା କେନ୍ଦ୍ରର ସହଯୋଗରେ ରୋଗପୋକ ସର୍ବେକ୍ଷଣ କରି ଚାଷୀମାନଙ୍କୁ ପରାମର୍ଶ ଦେଇ ଆସୁଛନ୍ତି । ମାତ୍ର ଏହାକୁ ଅଧିକ ଉପଯୋଗୀ ଓ କୃଷକ ପ୍ରିୟ କରିବା ପାଇଁ ମୋବାଇଲ ମାଧ୍ୟମରେ ସର୍ବେକ୍ଷଣ କରିବା ପାଇଁ **' ଇ –ପେଷ୍ଟ '** ମୋବାଇଲ ଆପ୍ କୁ ପ୍ରସ୍ତୁତ କରାଯାଇଛି । ମୁଁ ବିଶ୍ୱାସ କରୁଛି ଏହା ଅଧିକ ସଫଳ ହେବ ଓ କୃଷକ ମାନଙ୍କ ଦ୍ୱାରା ଆଦୃତ ହେବ ।

ଏହି ' **ଇ –ପେଷ୍ଟ** ' ମୋବାଇଲ ଆପ୍ କୁ ପ୍ରସ୍ତୁତ କରିବାରେ ସହଯୋଗ କରିଥିବା ପ୍ରତ୍ୟେକଙ୍କୁ ମୁଁ ଧନ୍ୟବାଦ ଜଣାଉଛି ।